ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1328/21-02-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୧ ଫେବୃଆରୀ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ  ଓଡ଼ିଶା ବିଧାନସଭାରେ ମାନ୍ୟବର ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଅବସରରେ ବକ୍ତବ୍ୟ ରଖି କହିଛନ୍ତି ଯେ ଦୂରଦୃଷ୍ଟି ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସହିତ ଗତବର୍ଷ ଆମ ସରକାର ଅଭୂତପୂର୍ବ କୋଭିଡ୍-୧୯ ସମସ୍ୟାର ମୁକାବିଲା ପାଇଁ ଅନେକ ସକ୍ରିୟ ପଦକ୍ଷେପ ନେଇଛନ୍ତି ।

    - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଆବଶ୍ୟକୀୟ ହସ୍ତକ୍ଷେପ ଦ୍ୱାରା ଅର୍ଥନୀତିର ଦ୍ରୁତ ପୁନଃସ୍ଥାପନକୁ ସୁନିଶ୍ଚିତ କରିଛନ୍ତି । ଗତବର୍ଷ ୧.୨ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଂଜିନିବେଶ ସହିତ ଓଡ଼ିଶା ଏକ ପ୍ରମୁଖ ବିନିବେଶ ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି ଏବଂ ଐତିହ୍ୟସ୍ଥଳୀର ବିକାଶ ଏବଂ ଲୋକସେବାରେ ରୂପାନ୍ତରଣ ପରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି ।

    - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଏକ ନୂତନ ଓ ସଶକ୍ତ ଓଡ଼ିଶା ଗଠନ ପାଇଁ ଦୃଢ଼ନିଶ୍ଚୟ, ଯାହା ଲୋକମାନଙ୍କ ଆଶାଆକାଂକ୍ଷାକୁ ପୂରଣ କରିବ ଏବଂ ସେମାନଙ୍କୁ ବୃହତ ସ୍ୱପ୍ନ ଦେଖିବା ସହ ସେମାନଙ୍କ ସାମର୍ଥ୍ୟର ପରିପ୍ରକାଶ ନିମନ୍ତେ ସୁଯୋଗ ଦେବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ କହିଛନ୍ତି ଯେ ସଂସ୍କୃତି ଓ ଐତିହ୍ୟକୁ ସୁରକ୍ଷିତ ରଖିବା ସହ ଏହାର ବ୍ୟାପକ ପ୍ରସାରରେ ମାତୃଭାଷାର ବଳିଷ୍ଠ ଭୂମିକା ରହିଛି । ଆମ ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ଦିଗରେ ଅତୁଳନୀୟ ଅବଦାନ ଥିବା ମହାପୁରୁଷମାନଙ୍କୁ ସ୍ମରଣ କରି ମାତୃଭାଷାକୁ କାଳଜୟୀ କରିବା ଦିଗରେ ଆମର ଉଦ୍ୟମକୁ ଆହୁରି ଦୃଢ଼ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଫେବୃଆରୀ ୨୦ ତାରିଖ ସୁଦ୍ଧା ୮୨ ପ୍ରତିଶତ ଟୀକାକରଣ ସଂପାଦନ କରି କୋଭିଡ୍-୧୯ ଟୀକା ପ୍ରଦାନକାରୀ ଶ୍ରେଷ୍ଠ ତିନିଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଟୀକାକରଣର ଗୁରୁତ୍ୱ ଓ ସଚେତନତାର ବାର୍ତ୍ତା ପ୍ରସାର କରିଥିବା ସମସ୍ତ ଆଗଧାଡ଼ିର କୋଭିଡ୍ ଯୋଦ୍ଧାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

➢ କେତେକ କ୍ଷେତ୍ରରେ ଏକ ନୂତନ ପ୍ରକାର କୋଭିଡ୍-୧୯ ଭୂତାଣୁ ଚିହ୍ନଟ ହୋଇଥିବାରୁ ଏବଂ ମହାରାଷ୍ଟ୍ର ତଥା ଅନ୍ୟ କେତେକ ରାଜ୍ୟରେ କୋଭିଡ୍ ରୋଗୀଙ୍କ ସଂଖ୍ୟା ବଢୁଥିବା ଘଟଣାକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ବିଭାଗ ମାର୍ଗଦର୍ଶିକା/ସୁରକ୍ଷା ନିୟାମକ ଜାରି କରିଛି । ସମସ୍ତ ଜିଲ୍ଲାପାଳ, ପୌର କର୍ତ୍ତୃପକ୍ଷ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ରାଜ୍ୟରେ ସଂକ୍ରମଣକୁ ରୋକିବା ପାଇଁ ସର୍ବସାଧାରଣ ସ୍ଥଳ ଏବଂ କର୍ମକ୍ଷେତ୍ରମାନଙ୍କରେ କୋଭିଡ୍-୧୯ ସୁରକ୍ଷା ନିୟମଗୁଡ଼ିକର କଡ଼ାକଡ଼ି ଆନୁପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହ ମାର୍ଗଦର୍ଶିକାର ନକଲ ସଂଲଗ୍ନ କରାଗଲା ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୧,୬୬,୭୭୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୬,୬୩୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୩, ୯୫୩ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୪ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୬୧୬ ରହିଛି ।
- ୬୧୬ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**